## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଡେଲାଙ୍ଗ,୨।୨(ସମିସ):** ଡେଲାଙ୍ଗ ବ୍ଲକ୍ କଲ୍ୟାଣପୁର ସ୍ୱାତକ ମହାବିଦ୍ୟାଳୟ ପରିସରରେ ସୋମବାର ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଜରିଆରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କର ନିରାପତ୍ତା ସୁନିଶ୍ଚିତ କରିବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ସଂଯୋଜିକା ଅଧ୍ୟାପିକା ଦମୟନ୍ତୀ ପରିଡ଼ା ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ କଲ୍ୟାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ କୁମାର ରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀମାନଙ୍କୁ ସାହସୀ ଓ ନିର୍ଭିକ ହେବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଲକ୍ଷ୍ମୀଧର ବଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ତ୍ରିପାଠୀ, ଅଜୟ କୁମାର ଖଡ଼ିରତ୍ନ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ମାସ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବାକୁ ଥିବାବେଳେ ପ୍ରଶିକ୍ଷିକା ଜୟନ୍ତୀ ପ୍ରଧାନ ଓ ସୀତା ବରାଳ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

## ଜାତୀୟ ରାଜପଥରେ କିନ୍ନରଙ୍କୁ ହତ୍ୟା ଘଟଣା
# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ପିପିଲି,୨।୨(ସମିସ)**



ପିପିଲି ଥାନା ଅଧୀନସ୍ଥ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସିଫା ନିକଟରେ ଜଣେ କିନ୍ନରଙ୍କୁ ଛୁରି ଭୁସି ହତ୍ୟା କରିବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିବା ବେଳେ ଏବେ ବି ଅଭିଯୁକ୍ତମାନଙ୍କୁ ଧରିବାରେ ପୁଲିସ ହାତ ଖାଲିରହିଛି । ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି କିନ୍ନର ଗୋଷ୍ଠୀ କ୍ୟାପିଟାଲ ହସ୍ପିଟାଲ ଛକରେ ଧାରଣାରେ ବସିଛନ୍ତି । ଅନ୍ୟପଟେ ପିପିଲି ପୁଲିସ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପିପିଲି ଥାନା ଅଧୀନସ୍ଥ ସିଫା ନିକଟରେ ଏକ ବାଲି ଗଦା ପାଖରେ ଜଣେ କିନ୍ନରଙ୍କୁ ଛୁରି ଭୁସି ବୀଭତ୍ସ ଭାବେ ହତ୍ୟା କରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ମୃତକ ହେଲେ କଟକ ସାଲେପୁର ଅଞ୍ଚଳର ଦିନେଶ ଓରଫ ଅଞ୍ଜଳି ବୋଲି ପୁଲିସଠାରୁ ପରିଚୟ ମିଳିଛି । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ହଣା ଚିହ୍ନ ରହିଛି । ତାଙ୍କୁ ଛୁରାମାଡ଼ କରି ବାଲି ଗଦା ନିକଟରେ ପକାଇ ଦେଇଥିବା ନେଇ ଅଞ୍ଜଳି ତାଙ୍କ ସାଙ୍ଗକୁ ଫୋନ୍ ଯୋଗେ କହିଥିଲେ । ତାଙ୍କ ସାଙ୍ଗମାନେ ତତ୍‌କ୍ଷଣାତ୍ ସେହି ବାଲି ଗଦା ନିକଟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ସହ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ନିଲୁ କିନ୍ନରଙ୍କ ଲିଖିତ ଅଭିଯୋଗ କ୍ରମେ ପିପିଲି ଥାନାରେ ଏ ସଂକ୍ରାନ୍ତରେ ୭୩/୨୬ରେ ଏକ ମାମଲା ରୁଜୁ କରାଯାଇଛି । ସୋମବାର ସକାଳେ ପିପିଲି ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି । ସେଠାରୁ ରକ୍ତ ନମୁନା, ଚପଲ, ଚୁଟି, କପଡ଼ା ଆଦିକୁ ପୁଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ମା' ଜାଡ଼ମଲ୍ଲୀଙ୍କ ବାର୍ଷିକ ଉତ୍ସବ

**ଚାରିଛକ,୨।୨(ସମିସ):** ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟା ପୋଖରୀ ଗ୍ରାମର ଗ୍ରାମଦେବତୀ ମା' ଜାଡ଼ମଲ୍ଲୀଙ୍କ ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅଧିବାସ, ଶୁକ୍ରବାର କଳସ ଯାତ୍ରା, ଶାଳା ପ୍ରବେଶ, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ, ସନ୍ଧ୍ୟା ଆଳତି, ପୁଷ୍ପାଞ୍ଜଳି ଅର୍ପଣ, ଶନିବାର ସୂର୍ଯ୍ୟପୂଜା, ଘଟମଣ୍ଡଳାଦି ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ହବନ, ସନ୍ଧ୍ୟା ଆଳତି ଓ ପୁଷ୍ପାଞ୍ଜଳି ଅର୍ପଣ, ରବିବାର ସୂର୍ଯ୍ୟପୂଜା, ଗୋ-ପୂଜା, ଘଟମଣ୍ଡଳାଦି ପୂଜା, ଚରୁରନ୍ଧନ, ଗୀତା ହବନ, ସନ୍ଧ୍ୟା ଆଳତି, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ପୂଜା କାର୍ଯ୍ୟରେ ଗ୍ରାମର ପବିତ୍ର ପାତ୍ର, ବାବୁରାମ ପାତ୍ର, ଅର୍ଜୁନ ପାତ୍ର, ବୈରାଗୀ ପାତ୍ର, ମାମୁଲି ପାତ୍ର, ଲିଲୁ ପାତ୍ର, ବିଜୟ ପାତ୍ର, ଦିଲ୍ଲୀପ ଜେନା, କାଳନ୍ଦୀ ପାତ୍ର, ସୁକାନ୍ତ ପାତ୍ର, ଅରୁଣ ପାତ୍ର, ପ୍ରମୋଦ ପାତ୍ର, ରଶ୍ମୀରଞ୍ଜନ ପାତ୍ର, ଶ୍ରୀଧର ପାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚାଉଳବସ୍ତ ଚାମ୍ପିଅନ




**ନିମାପଡ଼ା,୨।୨(ସମିସ):** ସ୍ଥାନୀୟ ଧଳେଶ୍ୱର ଖେଳ ପଡ଼ିଆରେ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୫୨ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍ ରୁଦ୍ରାମ୍ବିକା କ୍ରିକେଟ କ୍ଲବ୍ ଧଳେଶ୍ୱର ଓ ଚାଉଳବସ୍ତ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଧଳେଶ୍ୱର କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୧୮୬ ରନ୍ କରିଥିଲା । ଚାଉଳବସ୍ତ ଟିମ୍ ୧୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ପ୍ରଥମଥର ପାଇଁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ବିଜେତା ଦଳକୁ ୧୫ହଜାର ୧ ଟଙ୍କାର ନଗଦ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୧୦ହଜାର ୧ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜେତା ଦଳର ଚନ୍ଦନ ୬୬ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଧଳେଶ୍ୱରର ମାନସ ଦାସ ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି । ବାଦଲ ଦାସ ଓ ପ୍ରସନ୍ନ ଦାସ ମ୍ୟାଚ୍ ପରିଚାଳନା କରୁଥିବାବେଳେ ସୋନୁ ଓ ରାହୁଲ ସ୍କୋର୍ ଦାୟିତ୍ୱ ତୁଲାଇଥିଲେ । ଲାଲଟୁ, ବବୁଲ, କରନ, ବାବୁନି, ରାମ, ବିଶାଲ ପ୍ରମୁଖ ମ୍ୟାଚ୍ ପରିଚାଳନା କରୁଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅନୁଶାସନ ସଚିବ ସୁଧୀରଞ୍ଜନ ବରାଳ, ଦେବାଶିଷ ଆଚାର୍ଯ୍ୟ, ପ୍ରେସ୍ କ୍ଲବ ସଭାପତି ଅକ୍ଷୟ ବେହେରା, ଧଳେଶ୍ୱର ପଞ୍ଚାୟତର ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ଶିକ୍ଷାବିତ୍ ଚିନ୍ତାମଣି ବରାଳ, ଧଳେଶ୍ୱର ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦ୍ରକାନ୍ତ ବରାଳ ମଞ୍ଚ ପରିଚାଳନା କରୁଥିଲେ ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମିଶନ ଟାଇଗର ବିଜୟୀ



**ନିମାପଡ଼ା,୨।୨(ସମିସ):** ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଦ୍ୱିତୀୟ ଦିନରେ ମିଶନ ଟାଇଗର ବାଲେଶ୍ୱର ଓ ଗଣ୍ଡରପୁର ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମିଶନ ଟାଇଗର ବାଲେଶ୍ୱର ୩-୧ ଗୋଲ୍‌ରେ ଗଣ୍ଡରପୁରକୁ ହରାଇ ବିଜୟଲାଭ କରିଥିଲା । ମ୍ୟାଚ୍‌କୁ ପରିଚାଳନା କରିଥିଲେ ରେଫରୀ ଜ୍ୟୋତି ରଞ୍ଜନ ସ୍ୱାଇଁ, ଏସ୍‌କେ ଆଲାମ, ପ୍ରଫୁଲ୍ଲ ବେହେରା ଏବଂ ସତ୍ୟଜିତ୍ ଆଚାର୍ଯ୍ୟ । ଅତିଥିଭାବେ ଡା. ରବୀନ୍ଦ୍ର ନାଥ ଖୁଣ୍ଟିଆ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ ଏବଂ ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇ ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସହଯୋଗ କରିଥିଲେ ଧିରେନ ବରାଳ, ପବିତ୍ର ଭୋଇ, ଅଶୋକ ସେନାପତି, ପ୍ରକାଶ ବରାଳ, ବିଶ୍ୱଜିତ ମଲ୍ଲିକ । ମଙ୍ଗଳବାର ପ୍ରଥମ ସେମି ଫାଇନାଲ୍‌ରେ ମିଶନ ଟାଇଗର ବାଲେଶ୍ୱର ଏବଂ ମା' ଭୂଆସୁଣୀ ବିଡ଼ାନାସୀ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି ।

## ରାସ୍ତାକଡ଼ରୁ ଉଠୁନି ବିଦ୍ୟୁତ୍ ଖୁଣ୍ଟ; ବଢୁଛି ଦୁର୍ଘଟଣା

**ଚାରିଛକ,୨।୨(ସମିସ):** ନିମାପଡ଼ା-ଅସ୍ତରଙ୍ଗ ରାସ୍ତାକାର୍ଯ୍ୟ ଗତ ୪ବର୍ଷ ତଳୁ ସରିଥିଲେ ସୁଦ୍ଧା ରାସ୍ତା ପାର୍ଶ୍ୱରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଆଜି ପର୍ଯ୍ୟନ୍ତ ସ୍ଥାନାନ୍ତର ନ ହେବା ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ନିମାପଡ଼ା ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ସମ୍ପ୍ରସାରଣ ସମୟରେ ବିଦ୍ୟୁତ୍ ବିଭାଗକୁ ଖୁଣ୍ଟି ସମ୍ପ୍ରସାରଣ ପାଇଁ ଜଣାଇ ଦିଆଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ ଖାମଖିଆଲ କରି ରାସ୍ତା ପାର୍ଶ୍ୱରୁ ବିଦ୍ୟୁତ୍ ଖୁଣ୍ଟ ସବୁ ସମ୍ପ୍ରସାରଣ କଲେ ନାହିଁ । ଯାହା ଫଳରେ ପ୍ରତ୍ୟେକ ଦିନ ରାସ୍ତା ପାର୍ଶ୍ୱରେ ଥିବା ଖୁଣ୍ଟ ସହିତ ଯାନବାହନ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିବା ଜଣାପଡ଼ିଛି । ଅନେକ ସମୟରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରିବା ଫଳରେ ଜନସାଧାରଣ ନାହିଁ ନ ଥିବା



ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶ ଥାଉ କି, ରବିବାର ବିଳମ୍ବିତ ରାତିରେ ନିମାପଡ଼ା-କାକଟପୁର ରାସ୍ତାର ତୁଳସୀପୁର ଛକ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଏକ କାର୍ ଧକ୍କା ଦେବା ଫଳରେ ୨ ଜଣ ଆରୋହୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଯାହାଫଳରେ ଦୀର୍ଘ ୧୨ ଘଣ୍ଟା ଧରି ବିଦ୍ୟୁତ୍ ସେବା ବ୍ୟାଘାତ ହେବାରୁ ଜନସାଧାରଣ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତୁରନ୍ତ ରାସ୍ତାକଡ଼ରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ସବୁ ହଟାଇବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି ।

## ବରିଷ୍ଠ ନାଗରିକ ମଞ୍ଚର ପରିଚୟପତ୍ର ବଣ୍ଟନ

**ବଳଙ୍ଗା,୨।୨(ସମିସ):** ସୋମବାର ବଳଙ୍ଗା ଗ୍ରାମରେ ଥିବା ପତିତପାବନ ମନ୍ଦିର ପ୍ରାଙ୍ଗଣରେ ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ପରିଚୟ ପତ୍ର ବଣ୍ଟନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗରିକ ମଞ୍ଚର ସ୍ଥାୟୀ ସଭାପତି ଶଙ୍କର ବିଶ୍ୱାଳଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ଥାନାର ଏସ୍‌ଆଇ ସସ୍ମିତା ବେହେରା, ମୁଖ୍ୟବକ୍ତା ଭାବେ ଶାଇଁସଶାସନ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବଳଙ୍ଗା




ସରପଞ୍ଚ ଅଞ୍ଜଳି ପ୍ରଧାନ, ସମାଜସେବୀ ରତ୍ନାକର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ । ବକ୍ତାମାନେ ସମାଜରେ ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟ ସରକାରଙ୍କ ସାହାଯ୍ୟ ଓ ସହଯୋଗ ବିଷୟରେ ବିଶଦ୍ ଭାବରେ ଆଲୋଚନା କରିଥିଲେ । ଏଥିରେ ନୂତନ ଭାବେ ୩୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ବାବାଜୀ ଦେଓ, ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା, କୋଷାଧ୍ୟକ୍ଷ ସୁଧାଂଶୁ ମୋହନ ଲେଙ୍କା, ବାନାମ୍ବର ବେହେରା, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଜୟନାରାୟଣ ଦାଶ, ସଗନ ବିହାରୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

## ପଣ୍ଡିତ ଗଦାଧର ପୁରୋହିତଙ୍କ ଶ୍ରାଦ୍ଧବାର୍ଷିକୀ

**କଣାସ,୨।୨(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଡିମିରି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ, କବି, ସୁସଂଗଠକ, ପାଲା ସାହିତ୍ୟର ସୁଲେଖକ, ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ପୂର୍ବତନ ଉପଦେଷ୍ଟା ପଣ୍ଡିତ ଗଦାଧର ପୁରୋହିତଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ମୃତି ସମିତିର ସଭାପତି ନାଟ୍ୟକାର ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ବଡ଼ଜେନା, ଅବସରପ୍ରାପ୍ତ ଶିକ୍ଷକ ଓ ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ କରୁଣାକର ମହାପାତ୍ର, ସୁବାସ ଚନ୍ଦ୍ର ନରେନ୍ଦ୍ର,



ରମେଶ ଚନ୍ଦ୍ର ଉତ୍ତରକବାଟ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ସମାଜସେବୀ ଲିଙ୍ଗରାଜ ପରିଡ଼ା, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏ ଅଞ୍ଚଳର କୃତୀ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷକ ପ୍ରଦୀପ୍ତ କୁମାର ସ୍ୱାଇଁ ଓ ଅର୍ଚ୍ଚନା ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୨।୨(ସମିସ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳର ସଭାଗୃହରେ ଶନିବାର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସଂସ୍କୃତ ବିଭାଗର ମୁଖ୍ୟା ଡ. କଳ୍ପନା କୁମାରୀ ମହାପାତ୍ର ବେଦପାଠ କରିଥିଲେ । କଲେଜର ନୂତନ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବିଦାୟୀ ଅଧ୍ୟକ୍ଷା ନିଜ ଅଭିଭାଷଣରେ ଏହି ଅନୁଷ୍ଠାନ ତାଙ୍କ ପାଇଁ କେବଳ ଏକ କର୍ମକ୍ଷେତ୍ର ନୁହେଁ, ବରଂ ଏକ ପରିବାର ଓ ଛାତ୍ରଛାତ୍ରୀଙ୍କ ସଫଳତା ହିଁ ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଉପହାର ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ରାଜଶ୍ରୀ ଶତପଥୀ, ସସ୍ମିତା ପ୍ରଧାନ, ସ୍ୱର୍ଣ୍ଣଲତା ମାହାରୀ, ଶୁଭ୍ରଦୀପ୍ତା ପଟ୍ଟନାୟକ, ଅବସରପ୍ରାପ୍ତ କିରାଣି ରାଜକିଶୋର ପତି, ମୁଖ୍ୟ କିରାଣି ସୀତାଂଶୁ ମହାପାତ୍ର, ମହେଶ୍ୱର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟଶିବସୁନ୍ଦର ମିଶ୍ର, ନଗେନ୍ଦ୍ର ଦତ୍ତ, ପ୍ରାଧ୍ୟାପକ ବ୍ରଜକିଶୋର ନାୟକ, ଡ. ନାରାୟଣ ରାଉତ, ନିରଞ୍ଜନ ସାହୁ, ଡ. ଶାଶ୍ୱତୀ ପଟ୍ଟନାୟକ ପ୍ରମୁଖ ଶ୍ରୀମତୀ ପଟ୍ଟନାୟକଙ୍କ ପ୍ରଶଂସା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ତଥା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ମନୋଜ କୁମାର ପରିଡ଼ା ପରିଚାଳନା କରିଥିଲାବେଳେ ପ୍ରାଧ୍ୟାପକ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିକ୍ରମା ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଚାରିଛକ,୨।୨(ସମିସ):** ଆସନ୍ତା ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରାଣ ବର୍ଣ୍ଣିତ ପ୍ରାଚୀନଦୀ ପରିକ୍ରମାରେ ସାମିଲ୍ ହେବେ ଦେଶ ବିଦେଶର ବହୁ ସାଧୁସନ୍ଥ, ସନ୍ନ୍ୟାସୀ, ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ପ୍ରେମୀ । ଏହି ସପ୍ତଦିବସୀୟ ପରିକ୍ରମାର ଗନ୍ତବ୍ୟ ପଥରେ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ପ୍ରାଚୀ ଆରତୀ ସମ୍ପନ୍ନ ହେବ । ପ୍ରତ୍ୟେକ ଦିବସ ରାତ୍ର ରହଣୀ ସ୍ଥଳରେ ମହାନ ସନ୍ଥମାନଙ୍କଠାରୁ ଶ୍ରୀଜଗନ୍ନାଥ ମାହାତ୍ମ୍ୟ, ପ୍ରାଚୀନଦୀ ମାହାତ୍ମ୍ୟ, ପ୍ରାଚୀତୀର୍ଥ ମାହାତ୍ମ୍ୟ, ଗୋ-ମାହାତ୍ମ୍ୟ, ଗୀତା ମାହାତ୍ମ୍ୟ ଶ୍ରବଣର ସୁଯୋଗ ଭକ୍ତମାନଙ୍କୁ ମିଳିବ । ବିଶ୍ୱ କ୍ରିୟା ଯୋଗର ସର୍ବମାନ୍ୟ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ନିଜେ ସନ୍ଥମାନଙ୍କ ସହ ନାମ ସଂକୀର୍ତ୍ତନ କରି ପ୍ରାଚୀ ପରିକ୍ରମାକୁ ପରିଚାଳନା କରିବେ । ଏଥିପାଇଁ ପ୍ରାଚୀତଟ ଚଳଚଞ୍ଚଳ ହୋଇଉଠିଛି । ପରିକ୍ରମାର ପ୍ରମୁଖ ମାର୍ଗଦର୍ଶକ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି, ଲୁପ୍ତପ୍ରାୟ ପ୍ରାଚୀତଟ, ଦେବସ୍ଥଳୀ, ବ୍ରହ୍ମଦାରୁ, ପ୍ରାପ୍ତସ୍ଥଳୀ ପ୍ରାଚୀ ବନାନୀକୁ ବିଲୟ ସ୍ଥିତିରୁ ଫେରାଇ ଆଣିବା ପ୍ରାଚୀ ପରିକ୍ରମାର ମୂଳ ଲକ୍ଷ୍ୟ ।

## ନୟାହାଟରେ ତ୍ରିନାଥ ମେଳା

**ନୟାହାଟ,୨।୨(ସମିସ):** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ବାରିହାଟ ମଧ୍ୟରେ ପାନ ବ୍ୟବସାୟୀ ଓ ଚାଷୀଙ୍କ ଦ୍ୱାରା ୨୯ତମ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହାକୁ ରମେଶ ମହାନ୍ତି ପରିଚାଳନା କରିବା ସହିତ ସମାଜସେବୀ ଅଭିମନ୍ୟୁ ସିଂହ, ବିଚିତ୍ରାନନ୍ଦ ପାତ୍ର, ଆଲୋକ ରାୟ, ପ୍ରଣୟ ସାହୁ, ଦେବେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସାହାଯ୍ୟ ଓ ସହଯୋଗରେ ୨୯ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି ।

## ଜାତୀୟ ବାଳିକା ଦିବସ ପାଳିତ




**କୃଷ୍ଣପ୍ରସାଦ,୨।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ହର ନାରାୟଣ ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଅରଖକୁଦା ବନ ବିଭାଗର ବରିଷ୍ଠ କର୍ମଚାରୀ ଅନିତା ଜୟସିଂହ, ମୁଖ୍ୟବକ୍ତା ଭାବେ ଅରଖକୁଦା ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠୀର ଏମ୍‌ବିକେ ସବିତାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ସୁଲୋଚନା ବେହେରା, ଆଲୁମ୍ନି ଉପସଭାପତି ମଧୁସୂଦନ ଦାଶ, ସଦସ୍ୟ ସଞ୍ଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଝିଅମାନେ କିପରି ପୁଅମାନଙ୍କ ସହ ସମକକ୍ଷ ହେବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀମତୀ ଜୟସିଂହ ମତ ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାୟକ ଏହି ଦିବସର ଉଦ୍ଦେଶ୍ୟ ଏବଂ ଶିଶୁକନ୍ୟାଙ୍କ ଅଧିକାର, ଶିକ୍ଷା ଓ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ପାଇଁ ଉପଦେଶ ଦେଇଥିଲେ । ଛାତ୍ରୀମାନଙ୍କର ମାଆମାନଙ୍କୁ ନେଇ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ ନାରୀ ନିର୍ଯାତନା, ବାଲ୍ୟ ବିବାହ, କନ୍ୟା ଭ୍ରୁଣ ହତ୍ୟା ଉପରେ କ୍ଷୁଦ୍ର ନାଟକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ସହକାରୀ ଶିକ୍ଷକ ଜିତେନ୍ଦ୍ର ସାହୁ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଶ୍ୱ ଆର୍ଦ୍ରଭୂମି ଦିବସରେ ସୁରକ୍ଷା ସଚେତନତା ସଭା
# ଆର୍ଦ୍ରଭୂମି ଚିଲିକାର ମିତ୍ର ଭାବରେ ଶପଥ ନେଲେ ଛାତ୍ରଛାତ୍ରୀ







**କୃଷ୍ଣପ୍ରସାଦ,୨।୨(ସମିସ)**

ପରିବେଶ ପ୍ରକୃତି ତଥା ଜୈବବିବିଧତାକୁ ଆର୍ଦ୍ରଭୂମିର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ଆର୍ଦ୍ରଭୂମି ଆମର ଅନେକ ଉପକାର କରେ । ଆମର ଜନ ଜୀବନକୁ ବହୁଧା ଭାବରେ ପ୍ରଭାବିତ କରେ । ଜଳକୁ ବିଶୋଧନ କରିବା, ଭୂମିତଳ ଜଳସ୍ତରକୁ ବଢ଼ାଏ, ବନ୍ୟା, ବାତ୍ୟା, ସୁନାମିର ତୀବ୍ରତା କମାଏ । ମାନବ ପାଇଁ ଜୀବଜଗତ ତଥା ବନ୍ୟଜୀବଙ୍କ ପାଇଁ ପାନୀୟଜଳର ଉତ୍ସ ପାଲଟେ । ଏତେ ଉପକାରରେ ଆସୁଥିଲେ ବି ତାକୁ ପ୍ରଦୂଷିତ କରି ଚାଲିଛେ । ସୁରକ୍ଷା କଥା ଛାଡ଼ ଏବେ ବହୁ ଛୋଟଛୋଟ ଆର୍ଦ୍ରଭୂମି ପୋତାଚାଲିଛି । ଚିଲିକା ଏବେ ସଂକଟରେ । ଦିନକୁ ଦିନ ପୋତି ହୋଇ ପଡ଼ିଲାଣି ଉତ୍ତର ଚିଲିକା । ଚିଲିକାରେ ପଡ଼ିଥିବା ୫୨ଟି ନଦନଦୀର ଜଳ ଦ୍ୱାରା ବାହିତ ପଟୁରେ ପୋତି ହୋଇ ପଡ଼ିଲାଣି । ମୋଟାମୋଟି ଭାବରେ ଏହାର ବିବିଧତା ହ୍ରାସ ପାଇ ମୃତ୍ୟୁ ଆଡ଼କୁ ଗତି କରୁଛି । ଏଥି ନିମନ୍ତେ ହରିଶ୍ୱରଦେବ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଣସପଦାଠାରେ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁବର୍ଣ୍ଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆର୍ଦ୍ରଭୂମି ଚିଲିକା ସହିତ ଅନ୍ୟ ଆର୍ଦ୍ରଭୂମିର ସୁରକ୍ଷା ସଂରକ୍ଷଣ ପାଇଁ ଆଲୋଚନା ହୋଇଥିଲା । ପିଲାମାନଙ୍କ ମଧ୍ୟରେ ଆର୍ଦ୍ରଭୂମି ଚିଲିକା ଉପରେ ତର୍କ ଏବଂ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାର ଚିଲିକାର ସୁରକ୍ଷା ତଥା ପୁନରୁଦ୍ଧାର ପାଇଁ ନେଉଥିବା ପଦକ୍ଷେପକୁ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । ପ୍ରକୃତିର ବରଦାନ ଚିଲିକା ପୂର୍ବରୁ ଯେପରି ଥିଲା ଆମ ପାଇଁ ସେହିପରି ରହୁ । ଚିଲିକାର କ୍ଷତି କରିବାର ଅଧିକାର କାହାର ନାହିଁ ବୋଲି ଛାତ୍ରଛାତ୍ରୀମାନେ ଭାଷଣରେ ମତ ପ୍ରଦାନ କରିବା ସହ ସମସ୍ତ ଛାତ୍ରଛାତ୍ରୀ ଆର୍ଦ୍ରଭୂମି ମିତ୍ର ଭାବରେ ଶପଥ ନେଇଥିଲେ । ବିଦ୍ୟାଳୟର ପ୍ରାଧ୍ୟାପିକା ଶାନ୍ତିଲତା ବାରିକ, ଅଧ୍ୟାପକ ରଣଜିତ ସାମଲ, ବିଚିତ୍ର ପ୍ରଧାନ ପ୍ରମୁଖ ଆର୍ଦ୍ରଭୂମି ଚିଲିକା ସୁରକ୍ଷା ପାଇଁ ମତ ରଖିଥିଲେ । ଇକୋ ଶିକ୍ଷକ କାଶୀନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଡେଲାଙ୍ଗ:** ବର୍ତ୍ତମାନ ସମଗ୍ର ପୃଥିବୀରେ ଜଳବାୟୁର ଆଶାତୀତ ପରିବର୍ତ୍ତନ ଦେଖାଦେବା ସହିତ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବାରୁ ଓଦା ଭୂଇଁରେ ଆର୍ଦ୍ରତା ହ୍ରାସ ପାଉଛି । ପରିବେଶର ସନ୍ତୁଳନ ରକ୍ଷା ନ ହେଲେ ସମଗ୍ର ଜୀବଜଗତ ଲୋପ୍ ପାଇଯିବ । ପରିବେଶ ସନ୍ତୁଳନ ଓ ଜୈବିକ ଉପାଦାନର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃଆରୀ ୨ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ରୂପେ ପାଳନ କରାଯାଉଥିବା ପରିବେଶ କର୍ମୀ ବିଶ୍ୱଜିତ୍ ପରିଡ଼ା ମତପ୍ରକାଶ କରିଛନ୍ତି । ଏହି ଅବସରରେ ବେରବୋଇସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପରିବେଶ କର୍ମୀ ଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ତୁଷାରକାନ୍ତ ନାୟକ, ପ୍ରମୋଦ ପଣ୍ଡା, ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ଉର୍ବସି ପ୍ରଧାନ, ଲିପିନା ସାହୁ ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ଗଛ ଲଗାଇ ପରିବେଶ ରକ୍ଷା କରିବା ଓ ଅଞ୍ଚଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ଗାଁ ପୋଖରୀକୁ ସଫା ରଖିବା ସହିତ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଶପଥପାଠ କରିଥିଲେ ।

## ନିର୍ଦ୍ୱନ୍ଦ୍ୱରେ କଣାସ ଆତ୍ମା ଅଧ୍ୟକ୍ଷ ନିର୍ବାଚିତ

**କଣାସ,୨।୨(ସମିସ):** କଣାସ ବ୍ଲକ୍ କୃଷି କାର୍ଯ୍ୟାଳୟରେ ନୂତନ ଭାବେ ଆତ୍ମା ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ସୋମବାର ଚୟନ ଅନୁଯାୟୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଖବର ନେବାରେ ଜଣାପଡ଼ିଛି, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ବିଶ୍ୱଭୂଷଣ ମଙ୍ଗରାଜଙ୍କ କାର୍ଯ୍ୟକାଳ ସରିବା ପରେ ଆତ୍ମା ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା । ଏହି ପଦରେ ଦୁଇ ବର୍ଷ ପର୍ଯ୍ୟନ୍ତ ଅଧ୍ୟକ୍ଷ ଜଣେ ରହିପାରିବେ । ସୋମବାର କୃଷି କାର୍ଯ୍ୟାଳୟ ସଭାଗୃହରେ ନିର୍ବାଚିତ



ହେବା ପାଇଁ ବ୍ୟବସ୍ଥା ହୋଇଥିଲା । ସେଠାରେ ୨୨ ଜଣ ଗଭର୍ଣ୍ଣର ବଡିର ସଦସ୍ୟ ଉପସ୍ଥିତ ଥିଲେ । ଏଥିରୁ ରାମଚନ୍ଦ୍ର ବେହେରାଙ୍କୁ ଅଧ୍ୟକ୍ଷ କରିବା ପାଇଁ ବଡ଼ିର ସଦସ୍ୟ ମନମୋହନ ସାମନ୍ତରାୟ ପ୍ରସ୍ତାବ ଦେବା ପରେ ଅନ୍ୟ ୨୦ ଜଣ ସଦସ୍ୟ ସମର୍ଥନ କରିଥିଲେ । ସର୍ବ ସମ୍ମତି କ୍ରମେ ରାମଚନ୍ଦ୍ର ବେହେରା ଆତ୍ମାର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଏଥିରେ ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ୍ କୃଷି ଅଧିକାରିଣୀ ମୀରା ରୋଜାଲିନା, ସହକାରୀ ଅତିରିକ୍ତ କୃଷି ଅଧିକାରୀ ଶାନ୍ତନୁ କୁମାର ସାହୁ, ଅତିରିକ୍ତ ମତ୍ସ୍ୟ ବିଭାଗର ଅଧିକାରିଣୀ ଜ୍ୟୋତିର୍ମୟୀ ପଣ୍ଡା, ଅତିରିକ୍ତ ଉଦ୍ୟାନ ବିଭାଗର ବନାନୀ ପ୍ରିୟଦର୍ଶନୀ ଓ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ଆବେଦନ କରି ଚୁପ୍ ବସିଛି ଓରମାସ

# ଛେନାପୋଡ଼କୁ ମିଳିଲାନି ଜିଆଇ ମାନ୍ୟତା

ନୟାଗଡ଼,୨।୨(ସମିସ)

ଛେନପୋଡ଼ କଥା ଉଠିଲେ ଆପେ ଆପେ ମନକୁ ଚାଲି ଆସେ ନୟାଗଡ଼ କଥା। ନୟାଗଡ଼ର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ନେଇ ସବୁଠି ଚର୍ଚ୍ଚା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ସ୍ୱତନ୍ତ୍ର ଭୂମିକା ରହିଛି। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ୍ତ ସୁଦର୍ଶନ ସାହୁ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତ କରିଥିଲେ। ଏପ୍ରିଲ ୧୧ ତାରିଖ ସୁଦର୍ଶନଙ୍କ ଜୟନ୍ତୀରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଉଛି। ୨୦୨୩ ଏପ୍ରିଲ ୧୧ ତାରିଖ ଛେନାପୋଡ଼ ଦିବସ ପାଳନ ଅବସରରେ ତତ୍କାଳୀନ ଓରମାସ ଅଧିକାରୀ ପ୍ରବୀଣ କୁମାର ଝା ସମସ୍ତ କାଗଜପତ୍ର ସହ ଛେନାପୋଡ଼କୁ ଜିଆଇ ମନ୍ୟତା ପାଇଁ ଆବେଦନ କରିଥିବା ସୂଚନା ଦେଇଥିଲେ। ଏହା ମଧ୍ୟରେ ତିନି ବର୍ଷ ବିତିଯାଇଥିଲେ ସୁଦ୍ଧା ଛେନାପୋଡ଼କୁ ଜିଆଇ ମାନ୍ୟତା ନ ମିଳିବା ନୟାଗଡ଼ବାସୀଙ୍କୁ ବେଶ ଦୁଃଖ ଦେଇଛି।



ନୟାଗଡ଼ ଛେନାପୋଡ଼ର ଆରମ୍ଭ ବେଶ୍ ଆଲୋଚ୍ୟ ବିଷୟ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ନୟାଗଡ଼ କଚେରୀ ବଜାରରେ ଏକ ଜଳଖିଆ ଦୋକାନ କରିଥିଲେ। ଥରେ ବଳକା ଛେନାକୁ କ'ଣ କରିବେ ଭାବି ଏକ ନିଆରା ମିଠା ପ୍ରସ୍ତୁତ କରିବାକୁ ବସି ପଡ଼ିଥିଲେ। ଉକ୍ତ ନିଆରା ମିଠା ଆଜି ଛେନାପୋଡ଼ ଭାବେ ପରିଚୟ ଲାଭ କରିଛି। ଓରମାସ୍ ପକ୍ଷରୁ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ନେଇ ଆବେଦନ କରାଯାଇଥିଲେ ମଧ୍ୟ ପର୍ଯ୍ୟନ୍ତ ଏଥିପ୍ରତି ଆନ୍ତରିକତାର ସହ ଉଦ୍ୟମ ହୋଇ ନ ଥିବା ଜଣାଯାଇଛି। ନୟାଗଡ଼ ଛେନାପୋଡ଼ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଉଥିବା ବେଳେ ଏହା ଏକ କୁଟୀରଶିଳ୍ପରେ ପରିଣତ ହୋଇସାରିଛି। ଛେନାପୋଡ଼ କେଜି ୧୦୦ରୁ ଆରମ୍ଭ କରି ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକରେ ପ୍ରତ୍ୟେକ ଦିନ ଶହ ଶହ କିଲୋ ଛେନାପୋଡ଼ ବିକ୍ରି ହେଉଥିବା ବେଳେ ଭାପୁର ବ୍ଲକ ଫତେଗଡ଼ରେ ପ୍ରତ୍ୟେକ ଦିନ ଏକ ଟନରୁ ଊର୍ଦ୍ଧ୍ୱ ଛେନାପୋଡ଼ ବିକ୍ରି କରାଯାଉଛି। ନୟାଗଡ଼ ଏବଂ ଏହାର ଆଖପାଖ ଗ୍ରାମ ତଥା ମାଛିପଡ଼ା, ସୋଲପଟା, ଇଟାମାଟି, ଖଣ୍ଡପଡ଼ା, ଭାପୁର ଆଦି ଅଞ୍ଚଳରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ଛୋଟ ଛୋଟ ଚଟକା ଡେକ୍ଚି ଏବଂ ପାତ୍ରରେ ପ୍ୟାକ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରକୁ ପଠାଯାଇଥାଏ।

## ମାସକରେ ଓଡ଼ଗାଁ ଥାନା ଅଞ୍ଚଳରୁ ୧୪ ନିଖୋଜ

ଓଡ଼ଗାଁ,୨।୨(ସମିସ): ଓଡ଼ଗାଁ ଥାନା ଅଞ୍ଚଳରୁ ମାସକ ମଧ୍ୟରେ ୧୪ ଜଣ ବ୍ୟକ୍ତି ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନିଖୋଜଙ୍କ ମଧ୍ୟରେ ୬ ଜଣ ବିବାହିତା ମହିଳା, ୩ ଜଣ ଯୁବତୀ, ୨ ଜଣ ପୁରୁଷ, ଜଣେ ନାବାଳକ ସହ ୨ ଜଣ ନାବାଳିକା ଅଛନ୍ତି। ଅଞ୍ଚଳରେ ଏପରି ଘଟଣାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଓ ଚିନ୍ତା ଦେଖାଦେଇଛି। ସାମାଜିକ ବିଶ୍ଳେଷକଙ୍କ ମତାନୁସାରେ, ଉଗ୍ର ଆଧୁନିକତା, ଯୌନ ଲାଳସା ଏବଂ ଅପରିପକ୍ୱ ବିଚାରଧାରା ଏପରି ଘଟଣାର ମୁଖ୍ୟ କାରଣ ସାଜିଛି। ଅନେକ କ୍ଷେତ୍ରରେ ନିଶାସକ୍ତ ସ୍ୱାମୀଙ୍କ ଅସହ୍ୟ ନିର୍ଯାତନା,

**ଚିନ୍ତାରେ ସାଧାରଣ ଜନତା**

ପାରିବାରିକ କଳହ ଓ ଅଭାବୀ ପରିବାରର ଅସାମର୍ଥ୍ୟ ଯୋଗୁଁ ବିବାହିତା ମହିଳାମାନେ ପରିବାର ଛାଡ଼ି ଦୂରେଇ ଯାଉଥିବା ନଜିର ମଧ୍ୟ ରହିଛି। ଏପରି ସାମାଜିକ ସମସ୍ୟା ଭବିଷ୍ୟତ ପିଢ଼ି ଉପରେ କୁପ୍ରଭାବ ପକାଇବା ଆଶଙ୍କା ଥିବାରୁ ଏହାର ପ୍ରତିକାର ସ୍ୱରୂପ ସାମାଜିକ ସଚେତନତା ସହ ପ୍ରଶାସନିକ ସ୍ତରରେ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ

ନୟାଗଡ଼,୨।୨(ସମିସ): ନୟାଗଡ଼ ଜିଲ୍ଲା ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ସୋମବାର ଉଦଘାଟିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଯୋଗଦେଇଥିଲେ। ସମାଜରେ ସଂସ୍କାର ଆଧାରିତ ଶିକ୍ଷା ତଥା କୌଶଳ ବିକାଶ ଶିକ୍ଷା ଉପରେ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ସାହୁ, ସଧାରାଣୀ ରାଉତ, ବନଲତା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ଦଶପଲ୍ଲା ବିଇଓ ଭକ୍ତି ବିନୋଦ ଶଲ୍ଲ, ଭାପୁର ବିଇଓ ମୋନାଲିସା ରଥ, ରଣପୁର ବିଇଓ ପିଣ୍ଟୁ କୁମାର ପ୍ରଧାନ, ଗଣିଆ ବିଇଓ ଲିପ୍ସା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ମେଳା, ଦୋକାନ, ବଜାର ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନା, କୌଶଳୀ ଜିଜ୍ଞାସା, ବିକଶିତ ଓଡ଼ିଶା, ବିକଶିତ ଭାରତ, କ୍ୟାରିୟର କାଉନସେଲିଂ, ପଢ଼ିବା ଗଢ଼ିବା, କୁଇଜ୍, ଆଦି ବିଭିନ୍ନ ଷ୍ଟଲ୍‌ଗୁଡ଼ିକ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଅଶୋକ କୁମାର ମଲ୍ଲ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷଣାର୍ଥୀ ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରା, ସାମ୍ବାଦିକତା ଓ ଗଣଯୋଗାଯୋଗ ସମ୍ପର୍କିତ କ୍ୟାରିୟର କାଉନସେଲିଂ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ।

## ଅଗ୍ନି ପୂର୍ଣ୍ଣିମାରେ ମହାନଦୀ ଆଳତି



କଣ୍ଟିଲୋ,୨।୨(ସମିସ): ପବିତ୍ର ଅଗ୍ନିଉତ୍ସବ ପୂର୍ଣ୍ଣିମା ଅବସରରେ ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତାରେ ଅଧିଷ୍ଠାତ୍ରୀ ଦେବୀ ଗଙ୍ଗାମାତା ପୀଠରେ ମହାନଦୀ ଆଳତି ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପ୍ରତିଷ୍ଠାତା ଗୋବିନ୍ଦ ମହାରଣା ମହାନଦୀ ଉଦ୍ଦେଶ୍ୟରେ ଆଳତି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବାଜା, ବାଣ, ରୋଷଣୀ, ସଂକୀର୍ତ୍ତନ ମଣ୍ଡଳୀ ନୀଳମାଧବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଆଜ୍ଞାମାଳ ଓ ଦୀପ ସହ ଗଙ୍ଗାଦେବୀ ମନ୍ଦିରରେ ପହଞ୍ଚିବା ପରେ ମହାନଦୀ ଆଳତି ହୋଇଥିଲା। ହରିବୋଲ, ହୁଳହୁଳି ଧ୍ୱନିରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଭାକର ଶିରୋମଣି, ଗୋପାଳ ଚନ୍ଦ୍ର ଅଗ୍ରୱାଲ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### କାର୍ଯ୍ୟକାରୀ ହେଉନି ଗାଁ ଜଳ ଓ ପରିମଳ କମିଟି

## ପାଇପରୁ ପମ୍ପ ଲଗାଇ ପାଣିଚୋରି ରୋକିବାରେ ପ୍ରଶାସନ ବିଫଳ

**ଲୋକେ ପାନୀୟ ଜଳରୁ ବଞ୍ଚିତ**

ଖଣ୍ଡପଡ଼ା,୨।୨(ସମିସ): ଖଣ୍ଡପଡ଼ା ପଞ୍ଚାୟତ ସମିତିର ସମସ୍ତ ପଞ୍ଚାୟତରେ ଗାଁ ଜଳ ଓ ପରିମଳ କମିଟି ଗଠନ ହୋଇସାରିଛି। ଏ ସମ୍ପର୍କିତ ଦକ୍ଷତା ବିକାଶ କର୍ମଶାଳା ବାରମ୍ବାର ଅନୁଷ୍ଠିତ ହେଉଥିଲେ ମଧ୍ୟ ତାହା କେବଳ ଧର୍ମକୁ ଆଖିଠାର ସଦୃଶ ହେଉଛି। ପୂର୍ବରୁ ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସଂଯୋଜନା କ୍ରମେ ଲୋକଙ୍କୁ ସଚେତନ କରିବା ପାଇଁ ଅନେକ କର୍ମଶାଳା ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ସାଧାରଣରେ ଆଲୋଚନା ହେଉଛି। ବିଶେଷ କରି ପ୍ରତ୍ୟେକ ଗାଁରେ ଗାଁ ଜଳ ଓ ପରିମଳ କମିଟି ଗଠନ କରି ବେଆଇନ ଭାବେ ହେଉଥିବା ଜଳ ଯୋଗାଣ ବନ୍ଦ କରିବା, ପରିମଳ ସଫାସୁତୁରା ରଖିବା, ଭୂତଳ ଜଳକୁ ସୁରକ୍ଷିତ ଭାବେ ସଂରକ୍ଷଣ କରିବା ଆଦି ଦିଗରେ ହୋଇଥିବା ଆଲୋଚନା ମୂଲ୍ୟହୀନ ବୋଲି ଜଣାପଡ଼ିଛି। ଯେଉଁମାନେ ବେଆଇନ ଭାବେ ପାଇପରୁ ପମ୍ପ ଲଗାଇ ପାଣି ଚୋରି କରୁଛନ୍ତି, କମିଟି ସେମାନଙ୍କ ପମ୍ପସେଟ ଜବତ କରିବା ସହ ଏକ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହାର ଅସ୍ତିତ୍ୱ ନ ଥିବା ଜଣାପଡ଼ିଛି। ଫଳରେ ଲୋକେ ପାଣି ମୁନ୍ଦେ ପାଇଁ ହଇରାଣ ହେଉଥିବା ବେଳେ ଆଗାମୀ ଗ୍ରୀଷ୍ମ ଋତୁରେ ଜଳ ସଙ୍କଟର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଗ୍ରାମ ଚତୁଃପାର୍ଶ୍ୱରେ ଆବର୍ଜନା ଓ ମଳତ୍ୟାଗକୁ ବନ୍ଦ କରି ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏତଦବ୍ୟତୀତ ନିୟମିତ ଜଳର ଗୁଣାବତ୍ତା ପରୀକ୍ଷା କରିବା ସହ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଗ୍ରାମ ପଞ୍ଚାୟତର ନିୟମ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଅନେକ ଗ୍ରାମରେ ଲୋକେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ତେବେ ବେଆଇନ ଭାବେ ମୋଟର ଦ୍ୱାରା ପାଣି ଚୋରିକୁ ବ୍ଲକ ପ୍ରଶାସନ ବନ୍ଦ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୧୨ରେ ସାଧାରଣ ଧର୍ମଘଟ : ନୟାଗଡ଼ ଜିଲ୍ଲାରେ ବନ୍ଦର ରୂପ ନେବ



ନୟାଗଡ଼,୨।୨(ସମିସ): କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରଚଳନ କରି ଶ୍ରମିକ ଶ୍ରେଣୀର ଅର୍ଜିତ ଅଧିକାରକୁ ଅପହରଣ କରିଛନ୍ତି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୂର୍ଣ୍ଣଚ୍ଛେଦ ପକାଇ ଶ୍ରମିକ ଶ୍ରେଣୀର ତଣ୍ଟିରେ କ୍ଷୁର ଚଳାଇଛନ୍ତି। ସ୍ଥାୟୀ ନିଯୁକ୍ତି ବଦଳରେ ଠିକାନିଯୁକ୍ତିକୁ ପ୍ରୋତ୍ସାହନ ଦେଇ ସର୍ବନିମ୍ନ ମଜୁରି ଆଇନକୁ ଉଲ୍ଲଂଘନ କରୁଛନ୍ତି। ସ୍କିମ ଶ୍ରମିକ ଆଶା, ପାଚିକା, ଅଙ୍ଗନବାଡ଼ି କର୍ମୀମାନଙ୍କୁ ସାମାନ୍ୟ ପାରିତୋଷିକ ଦେଇ ଠକି ଚାଲିଛନ୍ତି। କୃଷକଙ୍କ ଫସଲ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଛନ୍ତି। ବିଦ୍ୟୁତର ଘରୋଇକରଣ କରି ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି। ଏହାର ପ୍ରତିବାଦରେ ହେବାକୁ ଥିବା ଫେବୃଆରୀ ୧୨ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ନୟାଗଡ଼ ଆରସିଏମଏସ ସଭାକକ୍ଷରେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣ କନଭେନସନରେ ଆହ୍ୱାନ ଦିଆଯାଇଛି। ସଭାରେ ସିଆଇଟିୟୁର ରାଜ୍ୟ ନେତା ଦୁଷ୍ମନ୍ତ କୁମାର ଦାସ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିଗୁଡ଼ିକୁ ଅବଗତ କରାଇ ଧର୍ମଘଟର ବାର୍ତ୍ତା ପ୍ରତି ପଞ୍ଚାୟତରେରେ ପ୍ରଚାର ଲୁକଙ୍କୁ ଧର୍ମଘଟକୁ ବନ୍ଦ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସିଆଇଟିୟୁ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଆଇଏନଟିୟୁସି ନେତା ରଣଜିତ ଦାଶ, ସିଆଇଟିୟୁ ନେତା ଶରତଚନ୍ଦ୍ର ବେହେରା, ପାଚିକା ନେତ୍ରୀ ଜୟନ୍ତୀ ଦାଶ, ଆଶା ନେତ୍ରୀ ମଙ୍ଗୁଳି ରାଉତ, ସଭାପତି ଚାପଧାରୀ ରାଉତ, ନିର୍ମାଣ ଶ୍ରମିକ ନେତା ସବ୍ୟସାଚୀ ସେନାପତି, ମିଳିତ ଫେଡେରେସନ ନେତା ବାସୁଦେବ ମହାନ୍ତି, ଗୋପୀନାଥ ଜେନା, କୃଷକ ସଭା ନେତା ପବିତ୍ର ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇ ଆନ୍ଦୋଳନ ସଫଳ କରିବାକୁ ମତାମତ ଉପସ୍ଥାପନ କରିଥିଲେ। ୮ଟି ଯାକ ବ୍ଲକରେ ଅନୁରୂପ ସଭା, ବିଭିନ୍ନ ଅଞ୍ଚଳରେ ପଥସଭା କରି ଧର୍ମଘଟକୁ ସଫଳ କରିବାକୁ ସିଆଇଟିୟୁର ଜିଲ୍ଲା ଆବାହକ ଶରତଚନ୍ଦ୍ର ବେହେରା ଆହ୍ୱାନ ଦେଇଥିଲେ।

## ୮୦ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ



ନୟାଗଡ଼,୨।୨(ସମିସ): ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ସୋମବାର ୮୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଇଟାମାଟି ଗ୍ରାମର ଧର୍ମେନ୍ଦ୍ର ସ୍ୱାଇଁ ଓରଫ ମଣ୍ଟୁ। ସେ ଦୀର୍ଘଦିନ ଧରି ନିଶା କାରବାର କରି ଆସୁଥିବା ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଇଟାମାଟି ପାଇକସାହି କାଳୀମନ୍ଦିର ନିକଟରୁ ମଣ୍ଟୁକୁ ଧରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୯ ଲକ୍ଷ ହେବ। ଅବକାରୀ ବିଭାଗ ଇନ୍‌ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ରଣପୁର ଓଆଇସି ଅର୍ପିତାରାଣୀ ସାହୁ, ସଦର ଓଆଇସି ବାଦଲ ସାମଲ, ଏଏସଆଇ ସୁଧୀର କୁମାର ସାମଲ ଓ କର୍ମଚାରୀ ସାମିଲ ହୋଇଥିଲେ।

## ପୁରାତନ ଛାତ୍ରଙ୍କ ବୈଠକ



ଭାପୁର,୨।୨(ସମିସ): ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ୧୯୭୯ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଖଇରଗାଡ଼ିଆ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ତତ୍କାଳୀନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ରହି ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିଲେ। ପୁରାତନ ଛାତ୍ର ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଦେବେନ୍ଦ୍ର ପ୍ରସାଦ ଷଡ଼ଙ୍ଗୀ, ରବୀନ୍ଦ୍ର କୁମାର ମହାରଣା, ନିରଞ୍ଜନ ଆଚାର୍ଯ୍ୟ, ମନୋଜ ଦାଶ, ହରିହର ବେହେରା, ବିଜୟ କୁମାର ମହାରଣା, ରବୀନ୍ଦ୍ର କୁମାର ମହାରଣା, ବିଶ୍ୱନାଥ ମହାରଣା, ସଦାଶିବ ପ୍ରଧାନ, ଗୋବିନ୍ଦ ସାହୁ, ରାମଚନ୍ଦ୍ର ରଣା, ପ୍ରସନ୍ନ କୁମାର ମହାପାତ୍ରଙ୍କ ସହ ଅନେକ ଛାତ୍ର ଉପସ୍ଥିତ ଥିଲେ।

## ଭୂତକୋଠି ପାଲଟିଛି ଦେବୋତ୍ତର କ୍ୱାର୍ଟର୍ସ



ନୟାଗଡ଼,୨।୨(ସମିସ): ନୟାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣ ଅଭାବ, ସମ୍ପତ୍ତି ହରିଲୁଟ, ବେଆଇନ ଦଖଲ ଭଳି ଅନେକ ଅଭିଯୋଗ ରହିଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ଏଥିପ୍ରତି ନିଘା ନ ଥିବା ଅନୁଭବ ହେଉଛି। ନୟାଗଡ଼ ସହରରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଏବେ ଭୂତକୋଠି ପାଲଟିଛି। ନୟାଗଡ଼ ସହର କଚେରି ବଜାର ତଥା ଟିପିସିଓଡିଏଲ କାର୍ଯ୍ୟାଳୟ ସାମ୍ନାରେ ଦେବୋତ୍ତର ବିଭାଗର ଏକ ପୁରୁଣା କ୍ୱାର୍ଟର୍ସ ରହିଛି। ବିଗତ ଦିନରେ ବିଦ୍ୟୁତ୍ ବିଭାଗ ଏହାକୁ ଫ୍ୟୁଜ କଲ ସେଣ୍ଟର ଭାବେ ବ୍ୟବହାର କରୁଥିଲା। ଫ୍ୟୁଜ କଲ ସେଣ୍ଟର ବନ୍ଦ ହେବା ପରେ ଏହି କ୍ୱାର୍ଟର୍ସ ଏବେ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। କ୍ୱାର୍ଟର୍ସକୁ ପୂର୍ତ୍ତ ବିଭାଗ ବିପଦସଙ୍କୁଳ ଘୋଷଣା କରିଥିବା ବେଳେ ଏହାର ପରିବେଶକୁ ସଫା ରଖିବାକୁ ଦେବୋତ୍ତର ବିଭାଗ ଭୁଲିଯାଇଛି। ଫଳରେ ଅନେକ ଲୋକ କ୍ୱାର୍ଟର୍ସ ସାମ୍ନାରେ ଆବର୍ଜନା ଗଦା କରିଥିବା ବେଳେ ଗୃହଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇଛି। ଦେବୋତ୍ତର ବିଭାଗ କ୍ୱାର୍ଟର୍ସକୁ ଭାଙ୍ଗି ଏଠାରେ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିବା ପାଇଁ ଯୋଜନା ରଖିଥିଲା। ଦୁଇ ମହଲା ବିଶିଷ୍ଟ ଦୋକନ ଗୃହ ନିର୍ମାଣ କରାଯିବାକୁ ବିଚାର ବିମର୍ଷ ଚାଲିଥିଲା। ମାତ୍ର ଦୀର୍ଘଦିନ ତଳୁ କରଯାଇଥିବା ଏହି ଯୋଜନା ଏବେ ଫାଇଲ ଭିତରେ ବନ୍ଧା ହୋଇପଡ଼ିଛି।

## ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଗଣିଆ,୨।୨(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣାସ୍ଥିତ ଶ୍ରୀ ଅରବିନ୍ଦଙ୍କ ସମାଧି ମନ୍ଦିର ପରିସରରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ସାଢ଼େ ୯ଟାରେ ମାତୃପତାକା ଉତ୍ତୋଳନ, ମାର୍ଚ୍ଚ ପାଷ୍ଟ, ସମବେତ ଧ୍ୟାନ, ଦୁର୍ଗା ସ୍ତୋତ୍ର ପାଠ, ପ୍ରାର୍ଥନା ଗାନ କରାଯାଇଥିଲା। ସାଧକ ଅନାଦି ଚରଣ ସ୍ୱାଇଁ ଶ୍ରୀ ଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାତୃପ୍ରେମୀ ସୁବାସ ଚନ୍ଦ୍ର କର, ଉଷା ପଟ୍ଟନାୟକ, ବିଜୟଲକ୍ଷ୍ମୀ ମିଶ୍ର, ଆନନ୍ଦ ଚନ୍ଦ୍ର ବେହେରା, ରତ୍ନାକର ମହାପାତ୍ର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖ ଏହି ଶିବିର ଉଦଯାପିତ ହେବ। ପ୍ରତ୍ୟେକ ଦିନ ଆସନ, ପ୍ରାଣାୟାମ ଓ ଆଧ୍ୟାତ୍ମିକ ଆଲୋଚନା ଅନୁଷ୍ଠିତ ହେବ।

## ଭାଗବତ ପାରାୟଣ ମହାଯଜ୍ଞ ଉଦ୍‌ଯାପିତ



ଖଣ୍ଡପଡ଼ା,୨।୨(ସମିସ): ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ୮ ଦିନ ଧରି ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ମହାଯଜ୍ଞ ଉଦଯାପିତ ହୋଇଛି। ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏ ଅବସରରେ ଭଜନକୀର୍ତ୍ତନ, ଶ୍ରୀମଦ ଭାଗବତ ପାଠ, ଅଧିବାସ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବ୍ରାହ୍ମଣ ସମାଜର ପୁରୋଧାମାନେ ସମସ୍ତ ଦାୟିତ୍ୱ ତୁଲାଇଥିବା ବେଳେ ମା' ବେଢ଼ାକାଳୀଙ୍କ ଭକ୍ତମାନେ ସହଯୋଗ କରିଥିଲେ।

## ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ନୟାଗଡ଼,୨।୨(ସମିସ): ନୟାଗଡ଼ ସହର ବାରମାସୀ ଲେନରେ ଅବସ୍ଥିତ ଗାଇଡାନ୍ସ ପବ୍ଲିକ୍ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ "ମେମୋରିଆ' ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ପାଳିତ ହେଇଛି। ପ୍ରସନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ନିମାଇଁ ଚରଣ ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟ ଚେୟାରମ୍ୟାନ ଅବିନାଶ ସାହୁ ଓ ପ୍ରିନ୍ସିପାଲ୍ ଆଲୋକ କୁମାର କର ମଞ୍ଚାସୀନ ଥିଲେ। ଏକାଡେମିକ ଇନଚାର୍ଜ ସାରଦା ପ୍ରସନ୍ନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଦ୍ୱାରା "ବାଲ୍ୟ ବିବାହ' ନିଷେଧ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଏସ୍‌ପି ଡ. ଜ୍ୟୋତିରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶନାରେ କୁନି ପ୍ରତିଭାମାନେ ନାଟକ "ମା' ଓ ମମତା' ଏବଂ ନୃତ୍ୟନାଟିକା "ଚକୁଳିଆ ପଣ୍ଡା ଓ କାଳୀୟଦଳନ' ପରିବେଷଣ କରିଥିଲେ। ବିଦ୍ୟାଳୟ ଲୋକସମ୍ପର୍କ ଅଧିକାରୀ କଳ୍ପନା ଭଦ୍ରଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗ କରିଥିଲେ।

### ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଯାପିତ

# ଶେଷ ସନ୍ଧ୍ୟାରେ ମଞ୍ଚ ଦୁଲୁକାଇଲେ ଅନୁରାଧା

ନୟାଗଡ଼/ଗଣିଆ,୨।୨(ସମିସ)



ନୂଆଗାଁ କଷ୍ଟି ଡାକୁଆ ସାଂସ୍କୃତିକ ମଞ୍ଚରେ ଚାଲିଥିବା ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ସୋମବାର ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଅପରାହ୍ନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୂଆଗାଁ ବନ୍ଦନା, କଟକ ମାତୃଶକ୍ତି ନୃତ୍ୟ ଏକାଡେମୀ, ଭୁବନେଶ୍ୱର ଆଦିତ୍ୟ ଡ୍ୟାନ୍ସ ଗ୍ରୁପ, ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ତରଫରୁ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ନୟାଗଡ଼ ଏନ୍‌ଏସି ଅଧ୍ୟକ୍ଷା ନିରୁପମା ଖଟେଇ, ବିଶିଷ୍ଟ ଅତିଥି ଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷ ଅନୁପମା ବେହେରା, ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଦଳବେହେରା, ସତ୍ୟଭାମା ନାୟକ, ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ମାଟି ପାଇଁ ନିଜକୁ ସମର୍ପିତ କରିବାକୁ ହେଲେ ଜନସାଧାରଣଙ୍କ ପ୍ରିୟଭାଜନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୂଆଗାଁ ମହୋତ୍ସବର ଅଷ୍ଟମ ସଂସ୍କରଣକୁ ଆଶାତୀତ ସଫଳତା ପ୍ରଦାନ କରିଥିବାରୁ ସମସ୍ତ ସହଯୋଗୀଙ୍କୁ ବିଧାୟକ କୃତଜ୍ଞତା ଜ୍ଞାପନ କରିଥିଲେ। ସ୍ଥାନୀୟ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହି ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ୭୦ରୁ ଅଧିକ ସ୍ଥାନୀୟ କଳାକାର ଏହି ମଞ୍ଚରେ ନିଜ କଳା ପ୍ରଦର୍ଶନ କରିଥିଲେ। ମହୋତ୍ସବ କମିଟି ତରଫରୁ କଳାକାର, ସାମ୍ବାଦିକ, ସମାଜସେବୀ ତଥା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ସିନେ ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀଙ୍କ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। କେରେକେରା ଗୀତର ତାଳେ ତାଳେ ଯୁବଗୋଷ୍ଠୀ ମଞ୍ଚ ତଳେ ଝୁମିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଖାଦ୍ୟ ଷ୍ଟଲରେ ଅସମ୍ଭବ ଭିଡ଼ ଲାଗିଥିଲା। ପଲ୍ଲିଶ୍ରୀ ମେଳାରେ ମହିଳାମାନେ ଭିଡ଼ ଜମାଇଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ଦୁଇ ଗୁରୁତର

ବେଗୁନିଆ, ୨।୨(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଗଡ଼ତରା ପେଟ୍ରୋଲ ପମ୍ପ ନିକଟରେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଟ୍ରକ ବାଇକକୁ ଧକ୍କା ଦେଇ ଥିବାରୁ ଘଟଣାସ୍ଥଳରେ ବାଇକ ଚାଳକ ମୃତ୍ୟୁବରଣ କରିଛନ୍ତି। ବେଗୁନିଆ ଥାନା ଅନ୍ତର୍ଗତ ଧାନଘରନୂଆଗାଁ ଗ୍ରାମର ସଞ୍ଜୟ ସାହୁ ବାଇକ ଯୋଗେ ବନ୍ଧୁଙ୍କ ସହ ଗଡ଼ତରା ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେବାରୁ ସଞ୍ଜୟଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ବେଗୁନିଆ ଥାନା ପୁଲିସ ଓ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଥିବା ବେଳେ ମୃତକଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପରେ ଗାଡି ଦୁଇଟିକୁ ଜବତ କରି ବେଗୁନିଆ ପୁଲିସ ତଦନ୍ତ ଜାରି ରଖିଛି।

## ଶିଶୁ ବାଟିକା ସେବିକା ଚୟନରେ ତଞ୍ଚକତା ଅଭିଯୋଗ

ନିରାକାରପୁର,୨।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ପଞ୍ଚାୟତ ଡମଣଭୂମି ନୋଡାଲ ସ୍କୁଲରେ ଶିଶୁ ବାଟିକା ସେବିକା ଚୟନରେ ତଞ୍ଚକତା ନେଇ ଅଭିଯୋଗ ହୋଇଛି। ଡମଣଭୂମି ନୋଡାଲ ସ୍କୁଲରେ ଶିଶୁ ବାଟିକା ସେବିକା ଚୟନ ପାଇଁ ପରିଚାଳନା ମଣ୍ଡଳୀର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପଦବୀ ପାଇଁ ସମୁଦାୟ ୬ ଜଣ ମହିଳା ଆବେଦନ କରିଥିବା ବେଳେ ୨ ଜଣ ଏହି ନିଯୁକ୍ତି ପାଇଁ ଅନୁପଯୁକ୍ତ ହେବାରୁ ଏହି ପ୍ରକ୍ରିୟାରୁ ଓହରି ଯାଇଥିବା ଶୁଣିବାକୁ ମିଳୁଛି। ପରେ ୪ ଜଣଙ୍କ ମଧ୍ୟରେ ନିଯୁକ୍ତି ପାଇଁ ଏକ ପରୀକ୍ଷା କରାଯାଇଥିବା ବେଳେ ଏହି ପ୍ରକ୍ରିୟାରେ ଭାଗ ନେଇଥିବା ଉକ୍ତ ଗ୍ରାମର ଯମୁନା ନାୟକଙ୍କୁ ଜାତିଆଣ ମନୋଭାବ ରଖି କମ ମାର୍କ ରଖା ଯାଇ ଅନ୍ୟ ଆବେଦନକାରୀଙ୍କୁ ଏହି ପଦବୀରେ ନିଯୁକ୍ତି ପାଇଁ ଷଡ଼ଯନ୍ତ୍ର କରାଯାଇ ଥିବା ଲିଖିତ ଅଭିଯୋଗ ସୋମବାର ଟାଙ୍ଗୀ ବିଇଓ ନିକଟରେ କରିଛନ୍ତି। ଘଟଣାର ତଦନ୍ତ ହେବ ବୋଲି ବିଇଓ କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏଥିରେ କୌଣସି ପାତରଅନ୍ତର କରାଯାଇ ନାହିଁ ବୋଲି କହିଛନ୍ତି।

## ସାହିତ୍ୟ ରତ୍ନ ସମ୍ମାନ ପାଇଲେ ଆର୍ତ୍ତତ୍ରାଣ



ନିରାକାରପୁର,୨।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣାଶୁଣା ଲଳିତ କବି ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ମାନଜନକ ସାହିତ୍ୟ ରତ୍ନ ୨୦୨୬ ପୁରସ୍କାର ସାହିତ୍ୟ ସେବା କାଉନସିଲ ତରଫରୁ ଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଏକ ସୂତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ୨୦୧୮ ରୁ ୨୦୨୫ ମସିହା ମଧ୍ୟରେ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସୂରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶ୍ରୀ ଗଣେଶ ଓ ଅଭୁଲା ସ୍ମୃତି ଭଳି ୧୨ ଖଣ୍ଡ ପ୍ରମୁଖ ପୁସ୍ତକ ଗୁଡ଼ିକ ପ୍ରକାଶିତ ହୋଇଯାଇଛି। ଏହି ଆୱାଡର୍ ପାଇଥିବାରୁ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

## ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିରକୁ ଜାତୀୟ ପୁରସ୍କାର

ଭୁଷଣ୍ଡପୁର,୨।୨(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର ବିଶ୍ୱ ନାଟ୍ୟ, ନୃତ୍ୟ ଓ ସଂଗୀତ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ସିନିଅର ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭାରତର ଅନେକ ଜାଗାରୁ ଆସିଥିବା ଶିଳ୍ପୀମାନେ ଗତ ୨୭/୧/୨୦୨୬ରେ ଅନେକ ପୁରସ୍କାର ପାଇବାପରେ ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର ରାମେଶ୍ୱର ଖୋର୍ଦ୍ଧାର ନୃତ୍ୟଗୁରୁ - ବିଘ୍ନେଶ୍ୱର ରାୟସିଂ, ଗୃହଲକ୍ଷ୍ମୀ ପ୍ରଧାନ, ନିଳୋତ୍ପଳା ତ୍ରିପାଠୀ, ସୁନୟନା ସିଂ, ଶ୍ରୀୟା ମାର୍ଥା, ମମତା ପ୍ରଧାନ, ପରିସ୍ମିତା ତ୍ରୀପାଠୀ, ପ୍ରତିଭା ବିଶ୍ୱାଳ, ରୋଜାଲିନ୍ ପ୍ରଧାନ, ଶ୍ୟାମସୁନ୍ଦର ପ୍ରଧାନ, ମୋନାଲିସା ଦାଶ, ଓ ପରିଚାଳିକ ସୂର୍ଯ୍ୟକାନ୍ତ ନାୟକଙ୍କୁ ଦି ବେଷ୍ଟ ଡ୍ୟାନ୍ସ ର ସମ୍ମାନରେ ସମ୍ମାନିତ କରାଯାଇଛି।




## ଅଗିରା ପୁନେଇଁ ଉତ୍ସବ

ବାଲୁଗାଁ,୨।୨(ସମିସ): ଧରାପୃଷ୍ଠରୁ ଶୀତଋତୁର ବିଦାୟ ସହ ଋତୁରାଜ ବସନ୍ତର ଆଗମନରେ ରବିବାର ମାଘ ପୂର୍ଣ୍ଣିମା ଅବସରରେ ବାଲୁଗାଁ ବାଣପୁର ଅଂଚଳର ବିଭିନ୍ନ ସ୍ଥାନରେ ଅଗିରା ପୁନେଇଁ ଉତ୍ସବ ପାଳିତ ହୋଇଯାଇଛି। ସଂସାରର ମଙ୍ଗଳ କାମନା କରି ଗାଁ ଗଣ୍ଡା ଓ ଦେବାଳୟ ମାନଙ୍କରେ ଅଗ୍ନି ଦେବତାଙ୍କୁ ପୂଜା କରାଯାଇ ଏହି ଉତ୍ସବ ପାଳନ କରାଯାଇଛି। ଅଗ୍ନିଦେବତାଙ୍କୁ ଆବାହନ କରାଯାଇ ବିଭିନ୍ନ ପ୍ରକାର ପନିପରିବା ଓ ଫଳମୂଳ ଅର୍ପଣ କରାଯାଇ ତାହାକୁ ପ୍ରସାଦ ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିଛନ୍ତି। ଏହି ଅବସରରେ ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିର ପରିସର, ବାଣପୁର ଅରାଧ ଦେବ ଶ୍ରୀ ରଂକନାଥ ଦେବ, ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ପୀଠ ଅଦି ବିଭିନ୍ନ ଦେବାଳୟ ତଥା ବିଭିନ୍ନ ଗ୍ରାମମାନଙ୍କରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ସାମିଲ ହୋଇ ଅଗ୍ନି ଉତ୍ସବ ପାଳନ କରିବାରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## କମାଗୁରୁ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲ ବାର୍ଷିକ ଉତ୍ସବ




ନିରାକାରପୁର,୨।୨ (ସମିସ): କମାଗୁରୁ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ପରିଚାଳନା ମଣ୍ଡଳୀ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସଞ୍ଜୟ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋଦାବରୀଶ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସ୍କୁଲ ଅଧ୍ୟକ୍ଷା ବିଳାସିନୀ ମଙ୍ଗରାଜ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଂଶୁମାନ ତ୍ରିପାଠୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରସନ୍ନ କୁମାର ବରାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ବାସୁଦେବ ହତ୍ୟା ଘଟଣା

# କଳା ମୁଗୁନି ଖଣି ବ୍ୟାବସାୟିକ ଶତ୍ରୁତାରୁ ହତ୍ୟା

ଖୋର୍ଦ୍ଧା,୨।୨(ସମିସ)

ଗତ ୧୯ ତାରିଖ ସନ୍ଧ୍ୟାରେ ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି-ଦଳକ ରାସ୍ତାରେ ଗୁଳିମାଡ଼ରେ ବାସୁଦେବ ପରିଡା ଓରଫ ଟୁଟୁ ହତ୍ୟା ଘଟଣା ଉପରୁ ପରଦା ଉଠାଇଛି ପୁଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ଗୟାବନ୍ଧ ଜଙ୍ଗଲରୁ ଗିରଫ କରିବାରେ ପୁଲିସ

- ଗୟାବନ୍ଧ ଜଙ୍ଗଲରୁ ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ
- ଖୋକା ଓ ୨ ବାଇକ୍ ଜବତ, ପୁଲିସ ପାଇଲାନି ପିସ୍ତଲ୍




ସଫଳ ହୋଇଛି। ଖଣି ବ୍ୟବସାୟିକ ଶତ୍ରୁତାରୁ ଗୁଳିକାଣ୍ଡ ଘଟିଥିଲା ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଅଜୟ ଭୁଜବଳ ଓରଫ ଅଜୁ (୩୪) ଏବଂ ତାର ସହଯୋଗୀ ଜ୍ଞାନରଞ୍ଜନ ପ୍ରଧାନ ଓରଫ ଫଟୁ (୩୪), ମାନସ ସୁବୁଦ୍ଧି ଓରଫ ମଣିଆ (୩୩) ଏବଂ କାର୍ତ୍ତିକ ଭୁଜବଳ ଓରଫ୍ ଲଣ୍ଡା ଓରଫ୍ ଗେଡୁ (୩୬)। ସେମାନଙ୍କ ଠାରୁ ପୁଲିସ୍ ଏକ ବୁଲେଟ (ନଂ-ଓଡି-୩୩ଏକ୍ୟୁ-୯୯୮୬), ମୃତ ଶରୀରରୁ ବାହାରିଥିବା ଦୁଇଟି ଗୁଳି, ୨ଟି ଖୋକାକୁ ଜବତ କରିଛି। ଏଥିସହିତ ମୃତକଙ୍କ ଏକ ଓଲା ସ୍କୁଟି (ନଂ-ଓଡି.୦୨-ସିଭି-୨୪୭୦)କୁ ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଗତ ୧୯ ତାରିଖ ସକାଳେ ପରିଛଳ ଅଂଚଳରେ ଚାଲିଥିବା କଳା ମୁଗୁନି ଖଣିକୁ କେନ୍ଦ୍ରକରି ପୂର୍ବ ଶତୃତା କାରଣରୁ ପରିଛଳ (ଜାମୁସାହି)ର ଦେବଦତ୍ତ ବରାଳ ଓରଫ୍ ନକୁଳ, ଅର୍ଜୁନ ବରାଳ, ଶେଷଦେବ ବରାଳ, ଭଗୀରଥି ବରାଳ, ପ୍ରମୋଦ ବରାଳ, ଜୟଦେବ ବରାଳ ଏବଂ ବିଭୁନା ଜେନା ବାସୁଦେବଙ୍କୁ ହତ୍ୟା ଧମକ ଦେଇଥିଲେ। ସକାଳେ ଧମକ ଦେଲେ ଓ ପରେ ଗୟାବନ୍ଧର ଅଭିଯୁକ୍ତଙ୍କୁ ତାଙ୍କୁ ହତ୍ୟା କରିବାକୁ ନିଯୁକ୍ତ କରିଥିଲେ। ସନ୍ଧ୍ୟା ପ୍ରାୟ ୮ଟାବେଳେ ବାସୁଦେବଙ୍କୁ ଅଜୁ ଜାମୁସାହି-ଦଳକ ରୋଡ ନିକଟ ଏକ ରେଷ୍ଟ ହାଉସ୍ ସାମ୍ନାରେ ଅତି ନିକଟରୁ ଗୁଳିମାଡ କରିଥିଲା। ଗୁଳି ବାସୁଦେବଙ୍କ ମୁଣ୍ଡ, କାନ ଏବଂ ଛାତିରେ ମାଡ ହୋଇଥିବାବେଳେ ଅଭିଯୁକ୍ତମାନେ ଏକ ବୁଲେଟ ମୋଟର ସାଇକେଲ୍ ସେଠାରେ ଛାଡି ପଳାଇଥିଲେ।

ମୃତ ବାସୁଦେବଙ୍କ ପତ୍ନୀ ସଲିଲା ପରିଡା (୩୫) ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୁଲିସ ୩୪/୨୦୨୬ ରେ ଗତ ୨୦ ତାରିଖରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ଘଟଣା ଘଟିବାର ୧୪ଦିନ ପରେ ପୁଲିସ ଏହାର ପର୍ଦ୍ଦାଫାସ କରିଛି। ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମାନେ ଏକ ଖଣି କାରବାରରେ ବ୍ୟବସାୟକୁ କେନ୍ଦ୍ର କରି ମୃତ ବାସୁଦେବଙ୍କ ସହ ଶତ୍ରୁତା ଆଚରଣ କରୁଥିଲେ। ବିଭିନ୍ନ ସମୟରେ ମୃତକ ପରିବାର ସହ ହତ୍ୟାକାରୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା ବୋଲି ଏସ୍‌ପି କହିଛନ୍ତି। ଉଭୟ ମୃତକ ଏବଂ ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ଏହି ମାମଲାର ତଦନ୍ତ ବେଗୁନିଆ ଥାନା ଅଧିକାରୀ ଶ୍ରୀ ସ୍ୱାଇଁ କରୁଛନ୍ତି। ପୁଲିସ ଘଟଣାର ସମସ୍ତ ଦିଗରେ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି କହିଛନ୍ତି।

ଗିରଫ ଅଭିଯୁକ୍ତମାନେ କେତୋଟି ଗାଡ଼ି ବ୍ୟବହାର କରିଥିଲେ ଏବଂ ଗୁଳିକାଣ୍ଡରେ ବ୍ୟବହୃତ ମୁଖ୍ୟ ଅସ୍ତ୍ର ବନ୍ଧୁକ ଜବତ ହୋଇଛି କି ନାହିଁ ଏସ୍‌ପି ସ୍ପଷ୍ଟ କରି ନାହାନ୍ତି। ଘଟଣା ସମ୍ପର୍କରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିଲେ ସୁଦ୍ଧା ଅଧିକ ତଦନ୍ତ ଚାଲିଛି କହି ଏଡାଇଯିବା ଘଟଣା ବେଶ ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ବାସ୍ତବରେ ଗୁଳିକାଣ୍ଡରେ କେବଳ ୪ଜଣ ଥିଲେ ନାଁ ମାଷ୍ଟର ମାଇଣ୍ଡକୁ ଖସାଇବାକୁ ଅଦୃଶ୍ୟ ଚାପରେ ପୁଲିସ ଚେପା ହୋଇଛି ତାହାକୁ ନେଇ ଉଠିଛି ପ୍ରଶ୍ନ।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଏସ୍‌ଡିପିଓ ନିହାର ପ୍ରଧାନ, ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନାହାନ୍ତି ବିଇଓ; ଶିକ୍ଷକଙ୍କୁ ଦରମା ପାଇବାରେ ବିଳମ୍ବ

ବେଗୁନିଆ, ୨।୨(ସମିସ): ବେଗୁନିଆ ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ବଦଳି ହୋଇ ଥିବାରୁ କେହି ତାଙ୍କ ସ୍ଥାନରେ ନିଯୁକ୍ତି ନ ପାଇବା ଓ ଉଚ୍ଚ କର୍ତ୍ତୃପକ୍ଷ କାହାରିକୁ ଦାୟିତ୍ୱ ଦେଇନଥିବାରୁ ଶିକ୍ଷକ ମାନଙ୍କର କୌଣସି କାର୍ଯ୍ୟ ଠିକ ଭାବେ ହୋଇ ପାରୁନାହିଁ। ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମର ଭାସ୍କର ଲେଙ୍କା ବେଗୁନିଆ ବ୍ଲକରେ ଦୀର୍ଘ ସାଢେ ୩ବର୍ଷ ହେଲା କାର୍ଯ୍ୟ କରି ଆସୁଥିବାବେଳେ ବିଦ୍ୟାଳୟ ଓ ଗଣ ଶିକ୍ଷାବିଭାଗ ପକ୍ଷରୁ ଗତ ଜାନୁଆରୀ ୭ ତାରିଖରେ ଚିଠି ନଂ ଏସଏମଇ -ଏଫଇ -ଓଇଏସ -୦୩୦୪-୨୦୨୫ରେ ବୌଦ୍ଧ ବଦଳି ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ହସ୍ତକ୍ଷେପ କରି ୯ ତାରିଖରେ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସ୍ଥାନରେ ଦୀର୍ଘ ଦିନ ଧରି ଦାୟିତ୍ୱ ଦିଆ ଯାଇ ନଥିବା ଯୋଗୁଁ ବ୍ଲକର ପ୍ରାୟ ୫ଶହ ଶିକ୍ଷକ/ଶିକ୍ଷୟତ୍ରୀ ଜାନୁଆରୀ ମାସର ଦରମା ପାଇବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଇଓଙ୍କ ଅନୁପସ୍ଥିତିରେ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କର କୌଣସି କାର୍ଯ୍ୟ ହୋଇପାରୁ ନ ଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ସ୍ଥାୟୀ ବିଇଓ ନିଯୁକ୍ତି ପର୍ଯ୍ୟନ୍ତ ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରମୋଦକୁମାର ସ୍ୱାଇଁ(ଓ ଇ ଏସ-୨) ଙ୍କୁ ବେଗୁନିଆ ବିଇଓ ଏବଂ ପ୍ରାପ୍ୟ ରାଶି ଉଠାଣ ଓ ବଣ୍ଟନ କ୍ଷମତା ଦାୟିତ୍ୱ ଦିଆ ଯାଉ ବୋଲି ସଚେତନ ନାଗରିକ ମାନେ କହିଛନ୍ତି। ଏଥିରେ ବିଦ୍ୟାଳୟ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସଠିକ ଭାବରେ କାର୍ଯ୍ୟ ହୋଇ ପାରନ୍ତା ବୋଲି ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଈଶାନେଶ୍ୱର ଦେବଙ୍କ ପୀଠରେ ଯଜ୍ଞ

ବେଗୁନିଆ,୨।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ବାବା ଈଶାନେଶ୍ୱର୍ ଦେବଙ୍କ ପୀଠରେ ସାତ ଦିନ ଧରି ଚାଲିଥିବା ଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ କରୁଣାକର ମହାପାତ୍ର କର୍ତ୍ତା ଭାବେ ଉପବେଶନ କରି ବୈଦିକ ରୀତି ନୀତି ଅନୁଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଅନ୍ତିମ ଦିବସରେ ଭାବ ଓ ଭକ୍ତିମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ସମାପନ ହୋଇଥିଲା।

## ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ

ଟାଙ୍ଗୀ,୨।୨(ସମିସ) : ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଟାଙ୍ଗୀଠାରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ (ବିଦ୍ୟାଳୟ ଶିକ୍ଷା)-୨୦୨୫ ଅନୁଯାୟୀ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ୫ଦିନ ବ୍ୟାପି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ମାଷ୍ଟର ସମ୍ବଳ ଶିକ୍ଷକ ଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି ସିଂହ, ବିଜୟ କୁମାର ସେଠୀ ଓ ସମରେଶୁ ବେହେରା କାର୍ଯ୍ୟ କରିଥିବା ବେଳେ ସହକାରୀ ଦାୟିତ୍ୱ ଦେବାନନ୍ଦ ବେହେରାଙ୍କ ସହିତ ବ୍ଲକ ର ବିଭିନ୍ନ କ୍ଲଷ୍ଟର ରୁ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର ଅନ୍ତିମ ଅଧିବେଶନର ଉଦଯାପନୀ ସଭାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗୀ ସଞ୍ଜୁଲତା ବେହେରା, ଟାଙ୍ଗୀ କ୍ଲଷ୍ଟର ସିଆରସିସି ଦେବାନନ୍ଦ ବେହେରା ଏବଂ ଜୟମଙ୍ଗଳପୁର କ୍ଲଷ୍ଟର ସିଆରସିସି ରମେଶ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳାବାଳା ଦେଈ, ନିବେଦିତା ସାହୁ, ପ୍ରଶାନ୍ତ ସାହୁ, ମୀନକେତନ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ସିଗ୍‌ମା ପବ୍ଲିକ୍ ସ୍କୁଲରେ ଆଶୀର୍ବାଦ ଉତ୍ସବ



ଖୋର୍ଦ୍ଧା, ୨।୨(ସମିସ): ଆରମ୍ଭ ହୋଇଛି ପରୀକ୍ଷା ଋତୁ। ଫେବୃଆରୀ ମାସରେ ଆରମ୍ଭ ହେବ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ଏହି ଅବସରରେ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଆଶୀର୍ବାଦ ଉତ୍ସବ ଡେରାସ ଫାର୍ମ ପରିସରରେ ପାଳିତ ହୋଇଯାଇଛି। ସ୍କୁଲର ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭ୍ରାଂଶୁ ରଂଜନ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଆଶୀର୍ବାଦ କରିବା ଅବସରରେ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିବା ପାଇଁ ଶୁଭ ମନାସିଥିଲେ।

## କ୍ଷେତ୍ରବାସୀ ରାଉତରାୟଙ୍କ ୧୩୧ତମ ଜୟନ୍ତୀ

ନିରାକାରପୁର,୨।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ମାଇନର ସ୍କୁଲ, ହାଇସ୍କୁଲ ଏବଂ ମହାବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ୧୩୧ ତମ ଜୟନ୍ତୀ ତାଙ୍କ ସମାଧି ପୀଠରେ କ୍ଷେତ୍ରବାସୀ ରାଉତରାୟ ସ୍ମୃତି ସଂସଦ ଏବଂ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇସ୍ୱାର୍ଡ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ରାଉତରାୟ, ରାମଦୟା ପରିଷଦର ସଂପାଦକ ଗଙ୍ଗାଧର ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ କମଳ ଲୋଚନ ପ୍ରଧାନ, ସମାଜସେବୀ ପ୍ରସାଦ ଦାସ, ଶଙ୍କର୍ଷଣ ପ୍ରଧାନ, ସତ୍ୟବାଦୀ ବଳବନ୍ତରାୟ, ଅପର୍ତି ଜେନା ଆଦି ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରି ଥିଲେ। କ୍ଷେତ୍ରବାସୀ ରାଉତରାୟ ହେଉଛନ୍ତି ଏ ଅଞ୍ଚଳର ଆଲୋକର ପଥ ପ୍ରଦର୍ଶକ ବୋଲି ଆବାହକ ମୃତ୍ୟୁଞ୍ଜୟ ପ୍ରଧାନ ବକ୍ତବ୍ୟ ରଖିଥିଲେ। ସୁକେଶ ସେନାପତି, ଆଲୋକ ରଂଜନ ଛୋଟରାୟ, ଅଭୟ ପାଇକରାୟ, ପ୍ରଦୀପ୍ତ ଦାଶ, ରତ୍ନାକର ସୁନ୍ଦରାୟ, ସୁରେଶ ବେହେରା, ସୁଶାନ୍ତ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ୫୦ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।



# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

ବାଲୁଗାଁ,୨।୨(ସମିସ)




ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ସ୍ଥିତ ସିଡଏ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ସମାରୋହ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଡିଏଫଓ ଅମ୍ଳାନ ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ସିଡ଼ିଏର ଏସିଏଫ ରଜତ କୁମାର ମିଶ୍ର, ସିଡ଼ିଏ ସୂଚନା ଅଧିକାରୀ ପ୍ରଶାନ୍ତ ନାୟକ, ଗବେଷକ ପ୍ରଦିପ୍ତ ରଂଜନ ମୁଦୁଲି ଓ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଶ୍ୱ ପ୍ରସିଦ୍ଧ ଚିଲିକା ଓ ଏହାର ପରିବେଷ ସୁରକ୍ଷା ତଥା ଏହାର ଜୈବ ବିବିଧତା ର ରକ୍ଷଣବେକ୍ଷଣ ଦିଗରେ ସମସ୍ତ ଜନ ସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସିଡିଏ, ଚିଲିକା ବନ୍ୟପ୍ରାଣୀ ବିଭାଗୀୟ କର୍ମଚାରୀ ଓ ବଡକୁଳ ଚିଲିକା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇ ଚିଲିକା ତଟଦେଶ ତଥା ସିଡ଼ିଏ କାର୍ଯ୍ୟାଳୟ ରାସ୍ତା ପାଶ୍ୱର୍ରେ ଚାରାରୋପଣ କରିବା ସହ ଏକ ଶୋଭାଯାତ୍ରାରେ ବାହାରି ଚିଲିକା ତଟ ବଡ଼କୁଳ ଗ୍ରାମ ପରିଭ୍ରମଣ କରି ସଫେଇ କରିବା ସହ ପରିବେଶ ସୁରକ୍ଷା ତଥା ଏହାର ଜୈବ ବିବିଧତା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଡିଏ କର୍ମଚାରୀ ମନୋରଂଜନ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

ବାଲୁଗାଁ,୨।୨(ସମିସ): ଅଷ୍ଟପ୍ରହର ନାମଯଜ୍ଞ ପାଇଁ ବଡ଼କୂଳ, ଗଡ଼ଦ୍ୱାର, ଗବପଦର. ଛେଡ଼ାପଦର, କାଣ୍ଟାମାହାଲ, ଆଙ୍କୁଲା, ବନ୍ଧମୁଣ୍ଡି, ଧୂଆଁଳ ଓ ବାଲୁଗାଁ ଏନଏସିର ଗାନ୍ଧିନଗର ଆଦି ବିଭିନ୍ନ ଗ୍ରାମ ଓ ସହର ଏବଂ ବିଭିନ୍ନ ଦେବା ଦେବୀ ପୀଠ ଚଳଚଂଚଳ ହୋଇପଡ଼ିଥିଲା। ପ୍ରଥମ ଦିବସରେ ଅଙ୍କୁରୋପଣ ହେବା ପରେ ଅଷ୍ଟପ୍ରହର ନାମଯ, ଦ୍ୱିତୀୟ ଦିବସରେ ନାମଯଜ୍ଞ, ଜମୁନାସ୍ନାନ ଓ ପ୍ରସାଦ ସେବନ, ତୃତୀୟ ଦିବସରେ ଉଦଯାପିତ ହୋଇଯାଇଛି।

## ମୁକ୍ତମଞ୍ଚ ନାଟକ ପ୍ରସ୍ତୁତି ବୈଠକ

ବେଗୁନିଆ,୨।୨(ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମ ସ୍ଥିତ ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ଚଳିତ ମାସ ୧୫ ଓ ୧୬ ରିଖରେ ଦୁଇ ଦିନ ଧରି ମୁକ୍ତମଞ୍ଚ ନାଟକ ପରିବେଷଣ କରାଯିବ। ଏଥିରେ ବାଲୁଙ୍କେଶ୍ୱର ଦେବ ନାଟ୍ୟ ସଂସଦର ପ୍ରଥମ ରାତ୍ରରେ “କଟି କଟି ଡବଲ କଟି’ ଓ ଦ୍ୱିତୀୟ ରାତ୍ରରେ “ଏ ଆଖି କାନ୍ଦୁଛି ତୋରି ପାଇଁ’ ନାଟକ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ସଦାଶିବ ମହାପାତ୍ର ସୌମେନ୍ଦ୍ର ସାମନ୍ତରାୟ, ନିର୍ଦ୍ଦେଶକ ଦୀପକ ପ୍ରଧାନ, ଗୋକୁଳାନନ୍ଦ ଜେନା, ପରିଚାଳକ ଅଜିତ ପ୍ରଧାନ, ଅଜୟ ପ୍ରଧାନ ଓ ବରିଷ୍ଠ ସଙ୍ଗୀତ କଳାକାର ପୂର୍ଣ୍ଣଚନ୍ଦ୍ର ନିଶଙ୍କ ସମେତ କଳାକାର ଉପସ୍ଥିତ ଥିଲେ।

